## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ଝାରସୁଗୁଡ଼ା
## (ଭୂ-ଅର୍ଜନ ବିଭାଗ)

ସଂଖ୍ୟା- ୯୪୯ ତାରିଖ ୨୦.୦୯.୨୦୨୦

### ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟର ବିଜ୍ଞପ୍ତି ।

**************************************************************

ଏତଦ୍ୱାରା ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ତହସିଲ ଅଧିନସ୍ଥ ହିରମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୫ ଗୋଟି ମୌଜା ଯଥା- ହିରମା,ତୁମ୍ବେକେଲା,କୁମ୍ଭାରୀ,ତରେଇକେଲା,ଲୁଦୁରେନକଛାର ଗ୍ରାମରେ ଶିଳ୍ପ ଓ ସମଜାତୀୟ କାର୍ଯ୍ୟର ସ୍ଥାପନା ନିମନ୍ତେ ଭୂମି ଅଧିଗ୍ରହଣ ସମ୍ବନ୍ଧରେ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟର "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ,ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ -୨୦୧୩" ର ଧାରା ୭ ଉପଧାରା ୬ ଅନୁସାରେ ସର୍ବସାଧାରଣଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ପ୍ରକାଶନ କରାଗଲା ।

ସୁପାରିଶ ରିପୋର୍ଟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ହିରମା,ତହସିଲ କାର୍ଯ୍ୟାଳୟ ଝାରସୁଗୁଡ଼ା/ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ଝାରସୁଗୁଡ଼ା ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ଝାରସୁଗୁଡ଼ାରେ ଉପଲବ୍ଧ ହେବ ।

ଜିଲ୍ଲାପାଳ,ଝାରସୁଗୁଡ଼ା
20.9.2020

ପରିପତ୍ର ସଂଖ୍ୟା- ୯୫୦ ତାରିଖ ୨୦.୦୯.୨୦୨୦

ଏହାର ଏକକିତା ନକଲ ସଂପୃକ୍ତ ୫ ଗୋଟି ମୌଜାରେ ଜାରି କରାଯିବାକୁ ପ୍ରେରଣ କରାଗଲା ।

ଜିଲ୍ଲାପାଳ,ଝାରସୁଗୁଡ଼ା
20.9.2020

ପରିପତ୍ର ସଂଖ୍ୟା- ୯୫୧ ତାରିଖ ୨୦.୦୯.୨୦୨୦

ଏହାର ଏକକିତା ନକଲ ହିରମା ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ,ଝାରସୁଗୁଡ଼ା
20.9.2020

ପରିପତ୍ର ସଂଖ୍ୟା- ୯୫୨ ତାରିଖ ୨୦.୦୯.୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ,ଝାରସୁଗୁଡ଼ା/ଉପଜିଲ୍ଲାପାଳ,ଝାରସୁଗୁଡ଼ା/ତହସିଲଦାର ଝାରସୁଗୁଡ଼ା / ଶାସନ ସଚିବ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ,ସମ୍ବଲପୁର/ଯୁଗ୍ମ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଭୁବନେଶ୍ୱର/ମୁଖ୍ୟ ସାଧାରଣ ପରିଚାଳକ(ଜମି),ଇଡକୋ,ଭୁବନେଶ୍ୱର/ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ(ଏନ୍.ସି.ଡି.ଏସ୍)ଭୁବନେଶ୍ୱର/ଡିକର କନ୍ସଲଟିଙ୍ଗ ପ୍ରା:ଲି:ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ,ଝାରସୁଗୁଡ଼ା
20.9.2020

ପରିପତ୍ର ସଂଖ୍ୟା- ୯୫୩ ତାରିଖ ୨୦.୦୯.୨୦୨୦

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ ,ଜାତୀୟ ସୂଚନା କେନ୍ଦ୍ର ଝାରସୁଗୁଡ଼ାଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ,ଉକ୍ତ ବିଜ୍ଞାପନ ଟି ଜିଲ୍ଲାପାଳଙ୍କ ୱେବସାଇଟରେ ଯଥା ଶୀଘ୍ର ପ୍ରକାଶନ କରିବେ ।

ଜିଲ୍ଲାପାଳ,ଝାରସୁଗୁଡ଼ା
20.9.2020

ତା:୧୧.୦୨.୨୦୨୦ ରିଖ ସମୟ ଘ:୩.୩୦ଟିକା ରେ ଆହ୍ୱାନ କରାଯାଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞଦଳଙ୍କ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ଉପରେ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ।

**************************************************************************

(ଝାରସୁଗୁଡ଼ା ଜିଲ୍ଲାର ତହସିଲ ଝାରସୁଗୁଡ଼ା ଅନ୍ତର୍ଗତ ୫ ଗୋଟି ଗ୍ରାମ,ଯଥା:-ହିରମା, ତୁମ୍ବେକେଲା, କୁମ୍ଭାରୀ,ତରେଇକେଲା,ଲୁହୁରେନକଛାର ଗ୍ରାମରେ ଶିଳ୍ପ ଓ ସମଜାତୀୟ କାର୍ଯ୍ୟର ସ୍ଥାପନା ନିମନ୍ତେ ଭୂମି ଅଧିଗ୍ରହଣ ସମ୍ବନ୍ଧେ)

<u>ବୈଧାନିକ ବ୍ୟବସ୍ଥା :-</u>

ଶିଳ୍ପ ଓ ସମଜାତୀୟ କାର୍ଯ୍ୟର ସ୍ଥାପନା ନିମନ୍ତେଝାରସୁଗୁଡ଼ା ଜିଲ୍ଲାରଝାରସୁଗୁଡ଼ାତହସିଲ ଅର୍ନ୍ତଗତ ହିରମା,ତୁମ୍ବେକେଲା,କୁମ୍ଭାରୀ,ତରେଇକେଲା,ଲୁହୁରେନକଛାର ଗ୍ରାମରେ **ଏ ୭୫୩.୧୩ ଡି** ବ୍ୟକ୍ତିଗତ ମାଲିକାନା ଭୁକ୍ତ ଜମି ଅଧିଗ୍ରହଣ ନିମନ୍ତେ ମୁଖ୍ୟ ସାଧାରଣ ପରିଚାଳକ(ଜମି),ଇଡକୋ,ଭୁବନେଶ୍ୱରଙ୍କଠାରୁ ପ୍ରସ୍ତାବ ପ୍ରାପ୍ତ ହେବାପରେ ତତ୍ ସମ୍ପର୍କରେଜମି ଅଧିଗ୍ରହଣରେ ସ୍ୱଚ୍ଛତା ଏବଂ ନ୍ୟାୟସଙ୍ଗତ କ୍ଷତିପୂରଣ ଅଧିକାର ପୁର୍ନବାସ ଏବଂ ଥଇଥାନ ଆଇନ, ୨୦୧୩ ର ଧାରା ୪ ଅନୁଯାୟୀ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୁଚନା ନଂ.୮୦୫୮ ତା:୦୮.୦୩.୨୦୧୯ ରିଖରେ (ମୌଜା –ହିରମା-ଏ.୯୭.୭୦ ଡି,ତୁମ୍ବେକେଲା-ଏ.୪୨.୯୭ଡ଼ି.,କୁମ୍ଭାରୀ-ଏ ୩୩୮ .୪୭ ଡି,ତରେଇକେଲା-ଏ.୨୩୪.୪୪ଡ଼ି,ଓ ଲୁହୁରେନକଛାର-ଏ.୩୯.୫୫ଡ଼ି)**ମୋଟ-ଏ ୭୫୩.୧୩ଡି** ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି।

<u>ଅଧିସୂଚନା :-</u>

| କ୍ର.ନଂ. | ତହସିଲ | ଗ୍ରାମ ପଞ୍ଚାୟତ | ଗ୍ରାମ | ବେସରକାରୀ ଜମି(ଏକର)ରେ |
|---|---|---|---|---|
| ୧ | ଝାରସୁଗୁଡ଼ା | ହିରମା | ହିରମା | ଏ ୯୭.୭୦ ଡି |
| ୨ | ଝାରସୁଗୁଡ଼ା | ହିରମା | ତୁମ୍ବେକେଲା | ଏ ୪୨.୯୭ ଡି |
| ୩ | ଝାରସୁଗୁଡ଼ା | ହିରମା | କୁମ୍ଭାରୀ | ଏ ୩୩୮.୪୭ ଡି |
| ୪ | ଝାରସୁଗୁଡ଼ା | ହିରମା | ତରେକେଲା | ଏ ୨୩୪.୪୪ ଡି |
| ୫ | ଝାରସୁଗୁଡ଼ା | ହିରମା | ଲୁହୁରେନକଛାର | ଏ ୩୯ .୫୫ ଡି |
| | | | ମୋଟ | **ଏ ୭୫୩.୧୩ ଡି** |

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ :-

ଓଡ଼ିଶା ସରକାରଙ୍କ ଅଧିସୂଚନା ମତେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ଭାର ରାଜ୍ୟସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲେପମେଣ୍ଟ ଷ୍ଟଡିଜ୍(ଏନ୍.ସି.ଡି.ଏସ୍ ) ଭୁବନେଶ୍ୱରଙ୍କୁ ନ୍ୟସ୍ତ କରାଯାଇଥିଲା। ତତ୍ ପଶ୍ଚାତ୍ ନବକୃଷ୍ଣ ଉନ୍ନୟନ କେନ୍ଦ୍ର,ଡିକର କନସଲଟିଙ୍ଗ ପ୍ରା.ଲିଃ.,ଭୁବନେଶ୍ୱରଙ୍କ ଗବେଷଣା ସଂସ୍ଥା କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଦାୟିତ୍ୱ ପ୍ରଦାନ କରିଥିଲେ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେକରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନ ସଂଖ୍ୟା,ସାମାଜିକ ବିବରଣୀ,ପରିବାରର ସଂପୂର୍ଣ ବିବରଣୀ,ଜୀବିକା ଆୟର ପନ୍ଥା,ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର, ପ୍ରଭାବିତ ହେବାକୁ ଥିବା ଘର,ବ୍ୟବସାୟିକ ବା

ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଆନୁଯାୟୀ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ୍.ଆଇ.ଏମ୍.ପି.) ମଧ୍ୟ ପ୍ରସ୍ତୁତ କରିଛନ୍ତି।

ଜନଶୁଣାଣୀ ଧାରା(୫):-

ଜମି ଅଧିଗ୍ରହଣରେ ସ୍ୱଚ୍ଛତା ଏବଂ ନ୍ୟାୟସଙ୍ଗତ କ୍ଷତିପୂରଣ ଅଧିକାର ପୁର୍ନବାସ ଏବଂ ଥଇଥାନ ଆଇନ ୨୦୧୩ ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ସ୍ଥାନ,ତାରିଖ ଓ ସମୟ ସଂକ୍ରାନ୍ତ ରେ ସର୍ବସାଧାରଣଙ୍କୁ ନିମ୍ନ ମତେ ଯଥେଷ୍ଟ ପୂର୍ବରୁ ନୋଟିସ ଏବଂ ପ୍ରଚାର ମାଧ୍ୟମରେ ଜଣାଇ ଦିଆଯାଇଥିଲା।

| ତାରିଖ | ସମୟ | ଗ୍ରାମ | ଜନଶୁଣାଣୀର ସ୍ଥାନ |
|---|---|---|---|
| ୧୩.୧୧.୨୦୧୯ | ଅପରାହ୍ନ ଘ ୦୧.୦୦ ଟିକା | ହିରମା,ତୁମ୍ବେକେଲା, କୁମ୍ଭାରୀ, ତରେକେଲାଓ ଲୁହୁରେନକଛାର | ଗରିଆଡିହି ଉ:ପ୍ରା:ବିଦ୍ୟାଳୟର ସମ୍ମୁଖ ପଡିଆ,ତରେଇକେଲା |

ଆୟୋଜିତ ଜନଶୁଣାଣୀ କାର୍ଯ୍ୟ ଦ୍ୱିତୀୟ ଜନଶୁଣାଣୀ ବୈଠକ ମାଧ୍ୟମରେ ସମାପନ ହୋଇଥିଲା।ଉକ୍ତ ଜନଶୁଣାଣୀର ବିଷଦ ବିବରଣୀ ଚୁଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣନା ହୋଇଅଛି।ଜନଶୁଣାଣୀ ସମୟରେ କ୍ଷତିଗ୍ରସ୍ତ ତଥାଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ଯଦି ସେମାନଙ୍କର ଯଥାର୍ଥ ଦାବୀର ପରିପୂରଣ କରାଯିବ ତେବେ ସେମାନେ ଗାଁ ଛାଡ଼ିବେ ଓ ପ୍ରକଳ୍ପ କତୃପକ୍ଷଙ୍କୁ ନିର୍ମାଣ କାର୍ଯ୍ୟଧାରା ପାଇଁ ଅନୁମତି ଦେବେ ବୋଲି ପ୍ରକାଶ କରିଥିଲେ।ଜନଶୁଣାଣୀ ସମୟରେ ନିମ୍ନ ଲିଖିତ ସଦସ୍ୟ ଓ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ.।

୧ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ,ଓ:ପ୍ର:ସେ,ଅତିରିକ୍ତ ଜିଲ୍ଲାପାଳ,ଝାରସୁଗୁଡ଼ା ।

୨. ଶ୍ରୀମତୀଆଲୋମଣୀ ସେଠୀ, ଓ.ପ୍ର.ସେ.,ପ୍ରକଳ୍ପ ନିର୍ଦ୍ଦେଶକ ଝାରସୁଗୁଡ଼ା,ପୁନଃର୍ବାସ ଓ ଥଇଥାନ, ତଥା ଭୂ-ଅର୍ଜନ ଅଧିକାରୀ,ଝାରସୁଗୁଡ଼ା ।

୩. ଶ୍ରୀଯୁକ୍ତ ଶିବ ଟପ୍ପୋ (ଓ.ପ୍ର.ସେ), ଉପ-ଜିଲ୍ଲାପାଳ,ଝାରସୁଗୁଡ଼ା

୪. ଶ୍ରୀଯୁକ୍ତ ଅଶ୍ୱିନି କୁମାର ପଣ୍ଡା,ସହକାରୀ ଜିଲ୍ଲାପାଳ,ଝାରସୁଗୁଡ଼ା

୫. ଶ୍ରୀଯୁକ୍ତ ଗୋପାଳ କୃଷ୍ଣ ଭୋଇ,ଡିକର କନ୍ସଲ୍ଟିଙ୍ଗ ଲିଃ, ଭୁବନେଶ୍ୱର ।

୬. ଶ୍ରୀଯୁକ୍ତ ଶିବବ୍ରତ ବେହେରା,ଡିକର କନ୍ସଲ୍ଟିଙ୍ଗ ଲିଃ, ଭୁବନେଶ୍ୱର ।

୭. ଶ୍ରୀଯୁକ୍ତ ଅନୁପ ସାମନ୍ତ,ଡିକର କନ୍ସଲ୍ଟିଙ୍ଗ ଲିଃ, ଭୁବନେଶ୍ୱର ।

୮. ଶ୍ରୀଯୁକ୍ତ ପ୍ରଶାନ୍ତ ସତ୍ପଥି ,ଡିକର କନ୍ସଲ୍ଟିଙ୍ଗ ଲିଃ, ଭୁବନେଶ୍ୱର ।

୯.ସମସ୍ତ ଜମି ହରା ପ୍ରଜା ଏବଂ ଅନ୍ୟ ଗ୍ରାମବାସୀ ବୃନ୍ଦ ।

ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ ଆଦେଶାନୁସାରେ ଅତିରିକ୍ତ ଜିଲ୍ଲାପାଳ,ଜନଶୁଣାଣୀ ସଭାର ସଭାପତିତ୍ୱ କରିଥିଲେ । ସଭାପତି ସଭାରେ ଅତିଥିପରିଚୟ ପ୍ରଦାନ ସହ ପ୍ରକଳ୍ପ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ।ଶ୍ରୀଯୁକ୍ତ ଗୋପାଳ କୃଷ୍ଣ ଭୋଇ,ବିଶେଷଜ୍ଞ ରିସର୍ଚ୍ଚ ଓ ଡେଭେଲପମେଣ୍ଟ,ଡିକର,ପରାମର୍ଶ ସଂସ୍ଥା, ଭୁବନେଶ୍ୱରସମସ୍ତଙ୍କୁ ସ୍ୱାଗତ ଜଣାଇ ଉକ୍ତ ସଭାର ତାତ୍ପର୍ଯ୍ୟ ଓ କରାଯାଇଥିବା ସାମାଜିକ ପ୍ରଭାବ ଅଧ୍ୟୟନରବିସ୍ତୃତ ବିବରଣୀ ,ଉଦ୍ଦେଶ୍ୟ,ପଦ୍ଧତି,ତଥ୍ୟସଂଗ୍ରହ,ସାମାଜିକ/ଅର୍ଥନୈତିକ କ୍ଷୟକ୍ଷତିର ଅଧ୍ୟୟନ ଏବଂ ତାହାର ଆକଳନ ଓ ଅନ୍ୟାନ୍ୟ ସୂଚନା ଆଦି ସର୍ବସାଧାରଣ ଓ ହିତାଧିକାରୀଙ୍କ ସମ୍ମୁଖରେ ସଂକ୍ଷିପ୍ତରେ ଉପସ୍ଥାପନା କରିଥିଲେ । ଏହା ପରେ ସଭାପତି ମହୋଦୟ ପ୍ରକଳ୍ପ ପ୍ରଭାବିତ ପାଞ୍ଚଟି ଗ୍ରାମର ଗ୍ରାମବାସୀ ମାନଙ୍କୁ ପ୍ରକଳ୍ପ ଓ ସେମାନଙ୍କ କ୍ଷୟକ୍ଷତି ବିଷୟରେ ନିଜନିଜର ବକ୍ତବ୍ୟ ଦେବାକୁ ଆହ୍ୱାନ କରିଥିଲେ ।ଏହାପରେ ଏନ୍:ଏଲ୍:ସି ଇଣ୍ଡିଆ ଲିମିଟେଡ୍ ସଂସ୍ଥାର ଶ୍ରୀ ପ୍ରଦୀପ ମହାରଣା,ଉପ ପରିଚାଳକ (ମାନବ ସମ୍ବଳ),ଉପସ୍ଥିତ ଜନତା ତଥା ହିତାଧିକାରୀ ମାନଙ୍କର ସମସ୍ତ ଜିଜ୍ଞାସା ଓ ପ୍ରଶ୍ନର ଉତ୍ତର ଦେଇଥିଲେ ,ତତ୍ ସହିତ କମ୍ପାନୀ ଦ୍ୱାରା କ୍ଷତିଗ୍ରସ୍ତ ସମସ୍ତ ହିତାଧିକାରୀଙ୍କର ଥଇଥାନ ଓ ପୁନର୍ବସତି ପାଇଁ କମ୍ପାନିର ଆଭିମୁଖ୍ୟ ଓ ପଦକ୍ଷେପ ବିଷୟରେ ସଂପୁର୍ଣ୍ଣ ବର୍ଣ୍ଣନା କରିଥିଲେ ।ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକୁ ଶିଳ୍ପ ଓ ସମଜାତୀୟ କାର୍ଯ୍ୟର ସ୍ଥାପନା ବିଷୟରେ ସଚେତନ କରାଇବା ସହ ପ୍ରଭାବିତ ପରିବାର, ସମାଜ,ଗୋଷ୍ଠୀ ଏବଂ ସାମାଜିକ ସାଂସ୍କୃତିକ ପରିବେଶ ଉପରେ ଉଭୟ ସକାରାତ୍ମକ ଏବଂ ନକରାତ୍ମକ ପ୍ରଭାବ ବିଷୟରେ ସୂଚନା ଦେଇଥିଲେ।

<u>ପ୍ରକାଶନ ଧାରା-୬ :-</u>

ସମସ୍ତ ୫ ଗୋଟି ପ୍ରଭାବିତ ଗ୍ରାମର ଜନଶୁଣାଣୀ ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀକୁ ଆଇନର ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଅଛି।

<u>ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ର ମୂଲ୍ୟାୟନ ଓ ସୁପାରିଶଧାରା-୭:-</u>

ଜମି ଅଧିଗ୍ରହଣରେ ସ୍ୱଚ୍ଛତା ଏବଂ ନ୍ୟାୟସଙ୍ଗତ କ୍ଷତିପୂରଣ ଅଧିକାର ପୁର୍ନବାସ ଏବଂ ଥଇଥାନ ଆଇନ,୨୦୧୩ ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡ଼ାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବାପରେ ଏହାର ମୁଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି।

ସ୍ୱତନ୍ତ୍ର ବହୁଦର୍ଶୀବିଶେଷଜ୍ଞଦଳରେ ମନୋନୀତ ହୋଇଥିବା ନିମ୍ନ ଲିଖିତ ବ୍ୟକ୍ତି ବିଶେଷ ମାନେ ଉପସ୍ଥିତ ରହି ସେମାଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

୧. ଶ୍ରୀଯୁକ୍ତ ସରୋଜ କୁମାର ସାମଲ (ଓ.ପ୍ର.ସେ.),ଜିଲ୍ଲାପାଳ,ଝାରସୁଗୁଡ଼ା-(ଅଧ୍ୟକ୍ଷ)

୨. ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ଓ.ପ୍ର.ସେ.,ଅତିରିକ୍ତ ଜିଲ୍ଲାପାଳ, ଝାରସୁଗୁଡ଼ା

୩. ଶ୍ରୀଯୁକ୍ତ ଶିବ ଟପ୍ପୋ (ଓ.ପ୍ର.ସେ), ଉପ-ଜିଲ୍ଲାପାଳ,ଝାରସୁଗୁଡ଼ା

୪. ଶ୍ରୀଯୁକ୍ତ ରୋହିତ କୁମାର ପଟେଲ,ଅବସର ପ୍ରାପ୍ତ ପ୍ରଧ୍ୟାପକ, ରାଜନିତୀ ବିଜ୍ଞାନଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ, ଝାରସୁଗୁଡ଼ା

୫. ଶ୍ରୀମତୀଆଲୋମଣୀ ସେଠୀ,ପ୍ରକଳ୍ପ ନିର୍ଦ୍ଦେଶକଝାରସୁଗୁଡ଼ା,ପୁନଃର୍ବାସ ଓ ଥଇଥାନ,

୬. ଗିତିକା ନାଏକ , ଭୂ-ଅର୍ଜନ ଅଧିକାରୀ,ଝାରସୁଗୁଡ଼ା-(ଆବାହକ)

୭. ପର୍ଶୁରାମ ସାହୁ,ଅଧ୍ୟକ୍ଷ,ପୌରପରିଷଦ,ବେଲପାହାଡ଼

୮. ଶ୍ରୀଯୁକ୍ତ ଦିଲିପ କୁମାର ପ୍ରଧାନ, ତହସିଲଦାର, ଝାରସୁଗୁଡ଼ା

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ

ଜମି ଅଧିଗ୍ରହଣରେ ସ୍ୱଚ୍ଛତା ଏବଂ ନ୍ୟାୟସଙ୍ଗତ କ୍ଷତିପୂରଣ ଅଧିକାର ପୁର୍ନବାସ ଏବଂ ଥଇଥାନ ଆଇନ, ୨୦୧୩ର ଧାରା୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୁଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞଦଳଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା।ଉକ୍ତ ବୈଠକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା:୧୧.୦୨.୨୦୨୦ ରିଖ ଅପରାହ୍ନ ଘ ୩.୩୦ ଟିକା ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କରାଯାଇଥିଲା।

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟ ର ମୂଲ୍ୟାୟନ

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞଦଳ ସନ୍ତୋଷ ପ୍ରକାଶକରିଥିଲେ।ଭାରତ ସରକାରଙ୍କର କୋଇଲା ମନ୍ତ୍ରାଳୟ ଅଧିନସ୍ଥ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ଏନ୍:ଏଲ୍:ସି ଇଣ୍ଡିଆ ଲିଃ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ କ୍ଷେତ୍ରରେ ନିଜ ର ଏନ୍:ଏଲ୍:ସି:ଆଇ:ଏଲ୍: ତଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପ ସଂସ୍ଥାପନ ପାଇଁ ଯୋଜନା ବଦ୍ଧ ହୋଇଛି ।ପ୍ରସ୍ତାବିତ ପ୍ରକଳ୍ପ ଏନ୍:ଏଲ୍:ସି: ତଲାବିରାତାପଜ ବିଦ୍ୟୁତ କାରଖାନା (୩x୮୦୦ ମେଗା ୱାଟ) ବିଭିନ୍ନ ରାଜ୍ୟକୁ ବିଦ୍ୟୁତ ଯୋଗାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଘରୋଇ ରାଜ୍ୟ ଓଡ଼ିଶା ଏହି ଶକ୍ତି ପ୍ରକଳ୍ପରୁ ୪୦୦ ମେଗାୱାଟ ବିଦ୍ୟୁତ ନେବାର ସମ୍ମତି ପ୍ରକାଶ କରିଛି । ଜନଶୁଣାଣୀ ରେ ଉତଥାପନ କରାଯାଇଥିବା କେତକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନ ମତେ ଆଲୋଚନା କରାଯାଇଥିଲା।

ଉପରୋକ୍ତ ନିର୍ଣ୍ଣୟ ସମୂହର ଭିତ୍ତିରେ ସାମାଜିକ ପ୍ରଭାବ ପରିଚାଳନା ଓ ପ୍ରଶମନ ପାଇଁ ପ୍ରକଳ୍ପ ପ୍ରସ୍ତାବିତଙ୍କ ବିଚାର ନିମନ୍ତେ ନିମ୍ନୋକ୍ତ ଅନୁମୋଦନମାନ ପ୍ରଦତ୍ତ ହେଲା ।

୧-ସମସ୍ତ ଆଗ୍ରହୀ ବିସ୍ଥାପିତ ପରିବାରଙ୍କୁ ଏକ ଉପଯୁକ୍ତ ସ୍ଥାନ ବା ରାସ୍ତା ସଂଯୋଗ ସୁବିଧା ଥିବା ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ପୁନର୍ବାସ କଲୋନୀରେ ଥଇଥାନ ।ଲୋକମାନେ ପ୍ରସ୍ତାବିତ ପ୍ରକଳ୍ପର ସମବର୍ତ୍ତୀ ଅଞ୍ଚଳରେ ରହିବା ପାଇଁ ତଥା ଦୂରସ୍ଥାନକୁ ନଯିବା ପାଇଁ ଅପେକ୍ଷାକୃତ ଅଧିକ ପସନ୍ଦ କରିଥିଲେ ।

୨-କୁମ୍ଭାରୀ ତଥା ଗରିଆଡିହି କିଷାନ ପଡ଼ାର କିଛି ଗ୍ରାମବାସୀ ମତ ଦେଇଥିଲେ ଯେ ସେମାନେ ବର୍ତ୍ତମାନ ରହୁଥିବା ଗ୍ରାମର ପାଖରେ ଆବାସିକ କଲୋନୀ ଚାହୁଁଛନ୍ତି ।ପସନ୍ଦଯୋଗ୍ୟ ସ୍ଥାନ ବିଷୟରେ ପଚାରିବାରୁ ଏସ୍:ଏମ୍:ସି ପାୱାର ସାମାନାରେ ଥିବା ଖାଲି ଜମିକୁ ସେମାନଙ୍କ ପାଇଁଏକ ଆବାସିକ କଲୋନିରେ ରୁପାନ୍ତରିତ କରିବାକୁ ଚାହୁଁଛନ୍ତି ବୋଲି ସେମାନେ କହିଥିଲେ ଓ ଏହାର କାରଣ ସ୍ୱରୁପ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏସ୍:ଏମ୍:ସି ପାୱାରରେ କାମ କରୁଥିବା ଓ ସେମାନଙ୍କ ଗ୍ରାମପଞ୍ଚାୟତ ହିରମା ହୋଇଥିବାରୁ ସେମାନଙ୍କ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ସାମଗ୍ରୀ,ବାର୍ଦ୍ଧକ୍ୟ ତଥା ବିଧବା ଭତ୍ତାସଂଗ୍ରହ ପାଇଁ ଏହା ସୁବୁଧାଜନକ ହୋଇଥିବାରୁ ସେଠାରେ ରହିବାକୁ ପସନ୍ଦ କରୁଥିବା ବିଷୟରେ କହିଥିଲେ । ତରେକେଲା ଗ୍ରାମର କିଛି ପ୍ରତିକ୍ରିୟାଦାତା ବଡ଼ମାଲ ଗ୍ରାମର ଏକ ଭୂମି ଖଣ୍ଡ(ବଡ଼ମାଲ ଥାନା ପଶ୍ଚାତ ଭାଗରେ ଥିବା ସରକାରୀ ଜମି)ରେ ସେମାନଙ୍କ ପାଇଁ ଉପଯୁକ୍ତ ବାସସ୍ଥାନ ହୋଇ ପାରିବ ବୋଲି କହିଥିଲେ ।

୩-ସ୍ୱାସ୍ଥ୍ୟ ସେବା ସୁବିଧା,ସେମାନଙ୍କ ଉପରେ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କ ପାଇଁ ଶିକ୍ଷାନୁଷ୍ଠାନ,ଗୋଷ୍ଠୀ କେନ୍ଦ୍ର (କଲ୍ୟାଣ ମଣ୍ଡପ),ମନ୍ଦିର,ବଜାରସ୍ଥଳୀ ବିଦ୍ୟୁତ ଓ ପାନୀୟଜ ଯୋଗାଣ ଓ କଲୋନୀ ପରିପାର୍ଶ୍ୱରେ ଜଳାଶୟ ରହିବା ଆବଶ୍ୟକ ।

୪-ପୁନର୍ବାସ କଲୋନୀରେ ଅଙ୍ଗନବାଡ଼ି କେନ୍ଦ୍ର,ଯୁବକ ସଂଘ,କିର୍ତ୍ତନ ମଣ୍ଡପ(ଭଜନ ମଣ୍ଡଳୀ) ଓ ଖେଳପଡିଆର ସୁବିଧା ରହିବା ଉଚିତ୍ ।

୫-ତରେଇକେଲାର ଗ୍ରାମବାସୀବୃନ୍ଦ ସେମାନେ ପୂଜା କରୁଥିବା ସମଲେଶ୍ୱରୀ ଦେବୀଙ୍କ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିରକୁ ସେମାନେ ରହିବାକୁ ଥିବା ପୁନର୍ବାସ କଲୋନୀକୁ ସ୍ଥାନାନ୍ତର କରିବାକୁ ଚାହୁଁଥିବାସ୍ଥଳେ, କୁମ୍ଭାରୀ ଗ୍ରାମବାସୀ ବର୍ତ୍ତମାନ ପୂଜାକରୁଥିବା ଭଗବାନ ଶିବ ଓ ହନୁମାନ ମନ୍ଦିରକୁ ପୁନର୍ବାସ କଲୋନୀକୁ ସ୍ଥାନାନ୍ତରିତ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ।

୬- ପ୍ରସ୍ତାବିତ ପ୍ରକଳ୍ପରେ ବିସ୍ଥାପିତ ତଥା ପ୍ରଭାବିତ ପରିବାରର ମୁଖ୍ୟ/ସନ୍ତାନସନ୍ତତି/ନିର୍ଭରଶୀଳ ବ୍ୟକ୍ତିବିଶେଷଙ୍କ ପାଇଁ ଉପଯୁକ୍ତ ଚାକିରୀ ତଥା ନିଯୁକ୍ତି ସୁବିଧା ଉପଲବ୍ଧ କରାଇବା ।

୭-ପ୍ରସ୍ତାବିତ ପ୍ରକଳ୍ପରେ ଏକ ସଂସ୍ଥା ବା ସୋସାଇଟି ଗଠନ କରି ବିସ୍ଥାପିତ ତଥା ପ୍ରଭାବିତ ପରିବାରର ନିର୍ଭରଶୀଳ ବ୍ୟକ୍ତିବିଶେଷ ଯେପରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସଂପୃକ୍ତ ହୋଇ ସେମାନଙ୍କ ଜୀବିକା ଉପାର୍ଜନ କରିପାରିବେ ତାହା ସୁନିଶ୍ଚିତ କରିବା,ଯଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ପରିବାରର ଯେଉଁ ସଦସ୍ୟମାନେ ନିଯୁକ୍ତି ପାଇଁ ବୟସସୀମା ଅତିକ୍ରମ କରିସାରିଛନ୍ତି,ସେମାନେ ଏତଦ୍ୱାରା ଉପକୃତ ହେବେ ।

୮- ପ୍ରସ୍ତାବିତ ପ୍ରକଳ୍ପ କ୍ଷେତ୍ରରେ ଅଧିକାଂଶ ଜନସାଧାରଣ ସେମାନଙ୍କ ଭୂମି,ଘର ତଥା ସ୍ଥାୟୀ ସମ୍ପଦ ନିମନ୍ତେ ଉପଯୁକ୍ତ ଆର୍ଥିକ କ୍ଷତିପୂରଣ ପାଇଲେହିଁ ସେମାନଙ୍କ ଘର ଛାଡ଼ିବେ ଯେହେତୁ ଜମିର ମୂଲ୍ୟ ସର୍ବାଧିକ ହୋଇଥିବାରୁ ସେମାନଙ୍କୁ ତଦନୁସାରେ କ୍ଷତିପୂରଣ ଦିଆଯାଉ ବୋଲି ମତବ୍ୟକ୍ତ କରିଥିଲେ ।

୯- କୁମ୍ଭାରୀ ଓ ତରେଇକେଲାର ଗ୍ରାମବାସୀମାନଙ୍କର ଭେଡ଼େନ ନଦୀର ତଟବର୍ତ୍ତୀ ଗ୍ରାମର ପାରିପାର୍ଶ୍ୱିକ କ୍ଷେତ୍ରରେ ଜମି ଥିବା କଥା କହିଥିଲେ । ଯଦିଓ ପ୍ରକଳ୍ପ ମାନଚିତ୍ରରେ ଏହି ସ୍ଥାନକୁ ସବୁ ବାଦ୍ ଦିଆଯାଇଛି,ଗ୍ରାମବାସୀମାନେ ପୁନର୍ବାସ ପରେ ଚାଷକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଏ ସବୁ ଜମିକୁ ମଧ୍ୟ ଅଧିଗ୍ରହଣର ଅନ୍ତର୍ଭୁକ୍ତ କରିବାପାଇଁ ଦାବୀ ଉପସ୍ଥାପନ କରିଛନ୍ତି । ତେଣୁ କମ୍ପାନୀ ଏସବୁ ଭୂମିର ଅଧିଗ୍ରହଣ କରିବା ଆବଶ୍ୟକ ।

୧୦- କୁମ୍ଭାରୀ ଶିବିରରେ ଥିବା ମତ୍ସ୍ୟଜୀବି ଗୋଷ୍ଠୀ ଯେଉଁମାନେ ସ୍ଥାନୀୟ ଭାଷାରେ ମାଝୀ/କେଉଟ ହିସାବରେ ପରିଚିତ,ଭେଡ଼େନ ନଦୀରୁ ମାଛଧରି ସେମାନଙ୍କ ଗୁଜୁରାଣ ମେଣ୍ଟାଇଥାନ୍ତି,ସେମାନେ ବିସ୍ଥାପନ ପରେ ସେମାନଙ୍କ ଜିବିକାର ଥଇଥାନ ପାଇଁଅଗ୍ରାଧିକାର ଦିଆଯିବା ଉଚିତ ।

୧୧- ବିସ୍ଥାପିତ ତଥା ପ୍ରଭାବିତ ପରିବାରର ଯେଉଁ ସଦସ୍ୟମାନେ ୮ମ ଶ୍ରେଣୀରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବେ ସେମାନଙ୍କ ପାଇଁ ବୃତ୍ତିଗତ କୌଶଳ ପ୍ରଶିକ୍ଷଣର ବ୍ୟବସ୍ଥା ।

୧୨-ପ୍ରକଳ୍ପ ତଥା ସହାୟକ ସଂସ୍ଥାମାନଙ୍କରେ ବୃତ୍ତିଗତ ପ୍ରଶିକ୍ଷଣ ପାଇଥିବା ପରିବାରର ସଦସ୍ୟଙ୍କ ଉପାର୍ଜନ ନିମନ୍ତେ ନିଯୁକ୍ତି ସୁଯୋଗ ରଖାଯାଉ ।ଏଥିରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତି ବିଶେଷକୁ ଅଧିକ ଧ୍ୟାନ ଦିଆଯାଉ ।

୧୩-ବିସ୍ଥାପିତ ତଥା ପ୍ରଭାବିତ ପରିବାରର ବ୍ୟକ୍ତିବିଶେଷଙ୍କୁ ଆଧୁନିକ ସ୍ୱାସ୍ଥ୍ୟସେବା ସୁବିଧା ଥିବା ଚିକିତ୍ସାଳୟ ବିଶେଷକରି କମ୍ପାନୀର ନିଜସ୍ୱ ଚିକିତ୍ସାଳୟରେ ମାଗଣା ରୋଗ ନିରୂପଣ ଓ ଚିକିତ୍ସା ସୁବିଧା ଦିଆଯିବା ଉଚିତ୍ ।

୧୪- କମ୍ପାନୀ ଦ୍ୱାରା ପରିଚାଳିତ ବିଦ୍ୟାଳୟମାନଙ୍କରେ ବିସ୍ଥାପିତ ତଥା ପ୍ରଭାବିତ ପରିବାରର ସନ୍ତାନ ସନ୍ତତିଙ୍କୁ ତଥା ନିର୍ଭରଶୀଳ ବ୍ୟକ୍ତିଙ୍କୁ ନିଃଶୁଳ୍କ ଶିକ୍ଷା ଦିଆଯାଉ । ଜନସାଧାରଣଙ୍କ ଧାରଣା ଯେ କମ୍ପାନୀ ନିଜର କର୍ମଚାରୀଙ୍କ ପିଲାଙ୍କ ନାମଲେଖା ଓ ମାଗଣା ଶିକ୍ଷା ପାଇଁ ସର୍ବଶ୍ରେଷ୍ଠ ବିଦ୍ୟାଳୟର ସ୍ଥାପନା କରିବ । ଏଥିରେ ସେମାନଙ୍କର ପିଲାମାନଙ୍କୁ ମାଗଣା ଶିକ୍ଷା ମଧ୍ୟ ଦିଆଯାଉ ।

୧୫- କୁମ୍ଭାରୀଠାରେ ଥିବା ଆଦିବାସୀ କନ୍ୟାଶ୍ରମ ବିଦ୍ୟାଳୟକୁ ପୁନର୍ବାସ କଲୋନୀକୁ ସ୍ଥାନାନ୍ତରଣ କରିବା ।

୧୬- ପ୍ରଭାବିତ କ୍ଷେତ୍ର ତଥା ପୁନର୍ବାସ କଲୋନୀରେ କାର୍ଯ୍ୟରତ ସ୍ୱୟଂସହାୟକ ଗୋଷ୍ଠୀ ଜରିଆରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଓ ବଜାର ସଂଯୋଗୀକରଣ ସୁବିଧା ସୁନିଶ୍ଚିତ କରାଯିବା ଉଚିତ ।

୧୭- ବ୍ୟକ୍ତିଗତ ତଥା ଦଳଗତ ଅର୍ଥ ଉପାର୍ଜନକାରୀ କାର୍ଯ୍ୟକ୍ରମର ଆରମ୍ଭ ପାଇଁ ଋଣ ନିମନ୍ତେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଆବର୍ତ୍ତନଶୀଳ ପାଣ୍ଠି ପ୍ରଦାନ ତଥା ଆନୁଷ୍ଠାନିକ ଆର୍ଥିକ ସଂସ୍ଥା ସହ ସେମାନଙ୍କର ସଂଯୋଗୀକରଣ ଆବଶ୍ୟକ ।

୧୮- ପ୍ରଭାବିତ ଗ୍ରାମମାନଙ୍କର ଲୋକମାନଙ୍କୁ ଉନ୍ନତ କୃଷିଗତ ଅଭ୍ୟାସ ନିମନ୍ତେ କୃଷି ସମ୍ପ୍ରସାରଣ ସେବା ପ୍ରଦାନ ଯଦ୍ଦ୍ୱାରା କୃଷିଗତ ଉତ୍ପାଦକତା ଓ ଆୟବୃଦ୍ଧି ସହ ପ୍ରଭାବିତ ପରିବାରର ସଦସ୍ୟଙ୍କ ଦ୍ୱାରା ପରିଚାଳିତ କୃଷିକାର୍ଯ୍ୟକୁ ଅଧିକ ଲାଭଜନକ କରାଯାଇପାରିବ ।

୧୯- ପ୍ରକଳ୍ପ କ୍ଷେତ୍ର ତଥା ଏହାର ପରିପାର୍ଶ୍ୱରେ ସ୍ୱତନ୍ତ୍ର ବୃକ୍ଷରୋପଣ ଅଭିଯାନର କାର୍ଯ୍ୟକାରିତା ସୁନିଶ୍ଚିତ କରାଯିବା ଉଚିତ । ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ବୃହତ ଶିଳ୍ପସଂସ୍ଥା ଯଥା ଭୂଷଣଷ୍ଟିଲ ଏଣ୍ଡ ପାୱାର,ବେଦାନ୍ତ ଆଲୁମିନିୟମ ଏବଂଏସ୍:ଏମ୍:ସି ପାୱାର ଏଣ୍ଡ ଷ୍ଟିଲ ଆଦି କାର୍ଯ୍ୟକରୁଛନ୍ତି ।ପ୍ରସ୍ତାବିତ ପ୍ରକଳ୍ପକ୍ଷେତ୍ରର ଜନସାଧାରଣ (ଉଭୟ ବିସ୍ଥାପିତ ଓ ପ୍ରଭାବିତ )ପ୍ରଦୁଷଣ ଦ୍ୱାରା କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ମତ ଦେଇଥିଲେ ।ପ୍ରକଳ୍ପ ପକ୍ଷରୁ ପରିବେଶର ପର୍ଯ୍ୟାପ୍ତ ଯତ୍ନ ନିଆଗଲେ ପ୍ରକଳ୍ପ ପାରିପାର୍ଶ୍ୱିକ କ୍ଷେତ୍ରର ଗ୍ରାମବାସୀମାନେ ପ୍ରଦୂଷଣ ଦ୍ୱାରା କ୍ଷତିଗ୍ରସ୍ତ ହେବେ ନାହିଁ। ଏହି ଅଞ୍ଚଳର ଅଧିବାସୀମାନେ ପ୍ରଦୂଷଣର ଶିକାର ହେଉଛନ୍ତି ।ତେଣୁ ପ୍ରକଳ୍ପ କର୍ତୃପକ୍ଷଙ୍କ ଦ୍ୱାରା ଜଳ,ଜମି ଓ ଆକାଶ,ଏ ସମସ୍ତ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ।

୨୦- ପୁନର୍ବାସ କଲୋନୀକୁ ସ୍ଥାନାନ୍ତରଣ ପରେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଉ ଥିବା ତଥା ପି:ଡି:ଏସ୍ ସାମଗ୍ରୀ ଆଣୁଥିବା ହିତାଧିକାରୀ ମାନେ ସମସ୍ୟାର ସମ୍ମୁଖିନ ହେବେ ।ପଞ୍ଚାୟତ କାର୍ଯ୍ୟାଳୟ ହିରମା ଠାରେ ଅବସ୍ଥିତ । ତେଣୁ ବିସ୍ଥାପିତ ବ୍ୟକ୍ତି ବିଶେଷଙ୍କୁ ସାମାଜିକ ସୁରକ୍ଷା ,ପେନ୍ସନ ତଥା ସାଧାରଣ ବଣ୍ଟନ ବ୍ୟବସ୍ଥା ସାମଗ୍ରୀ ଉପଲବ୍ଧ କରାଇବା ନିମନ୍ତେ କର୍ତୃପକ୍ଷ ସମସ୍ୟା ସମାଧାନ ପୂର୍ବକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ।

୨୧- ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ବୃଦ୍ଧ,ବୃଦ୍ଧା ଓ ବିଧବାଙ୍କୁ ବାର୍ଦ୍ଧକ୍ୟ ଭତ୍ତା,ବିଧବା ଭତ୍ତା ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ଖାଦ୍ୟ ସାମଗ୍ରୀର ସୁବିଧା ଲାଭ ପାଇଁ ସଂପୃକ୍ତ ଯୋଜନା ସହ ସଂଯୋଗୀକରଣ କରିବା

୨୨- ବିସ୍ଥାପିତ ଗ୍ରାମ ମାନଙ୍କର ଅବସ୍ଥାବିତ ଯେଉଁ ଅଧିବାସୀଙ୍କର ନିଜସ୍ୱ ଜମି ନ ଥିବ ସେମାନଙ୍କୁ ପୁନର୍ବାସ ସୁବିଧା ପ୍ରଦାନ କରିବା ।

୨୩- ବିସ୍ଥାପିତ ଓ ପ୍ରଭାବିତ ଅଧିକାଂଶ ପରିବାର ଟଙ୍କା ଆକାରରେ ସହାୟତା ପାଇଁ ଇଚ୍ଛା ପ୍ରକାଶ କଲେ(ଜମି ଅଧିଗ୍ରହଣ ପାଇଁ ମିଳୁଥିବା ଆର୍ଥିକ କ୍ଷତିପୂରଣ ବ୍ୟତୀତ)

୨୪ - ପ୍ରଭାବିତ ଗ୍ରାମମାନଙ୍କରେ ମା ଓ ଶିଶୁର ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନା ସ୍ତର ଶୌଚାଳୟ ନିର୍ମାଣ ତଥା ବାହ୍ୟ ମଳତ୍ୟାଗ ପ୍ରତିହତ କରିବା ପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ତଥା ଉପଯୋଗୀ କାର୍ଯ୍ୟକ୍ରମମାନ ହାତକୁ ନିଆଯିବା ଉଚିତ ।ପ୍ରଭାବିତ ଗ୍ରାମମାନଙ୍କର ଚିକିତ୍ସା କର୍ମୀ ବ୍ୟକ୍ତି ବିଶେଷଙ୍କ ପରିକଳ୍ପେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ କେନ୍ଦ୍ର ସଞ୍ଚାଳିତ ହେବା ଆବଶ୍ୟକ ।

୨୫- ବିସ୍ଥାପନ କଥା କହିଲା ବେଳକୁ ଲୋକମାନେ ବେଶ୍ ଭାବପ୍ରବଣ ହେବାର ଲକ୍ଷ୍ୟ କରାଯାଇଥିଲା ।ବର୍ଷବ୍ୟାପୀ ରହୁଥିବା ଯୋଗୁଁ ସେମାନେ ଭୁମି ଓ ଗୋଷ୍ଠୀ ସହ ଭାବାତ୍ମକ ରୁପେ ଜଡ଼ିତ ।ସେମାନେ ଆଶଙ୍କା ପ୍ରକଟ କରିଥିଲେ ଯେ ସେମାଙ୍କ ଜୀବନ ଶୈଳୀ ପୂର୍ବପରି ରହିବ ନାହିଁ ।ତେଣୁ ପ୍ରକଳ୍ପ କର୍ତୃପକ୍ଷ ପୁନର୍ବାସ ସମ୍ପର୍କରେ ଜନସାଧାରଣଙ୍କ ପସନ୍ଦ ଯୋଗ୍ୟ ସ୍ଥାନ ସମ୍ପର୍କରେ ଧ୍ୟାନ ହେବା ଉଚିତ ।

୨୬- ବିସ୍ଥାପିତ ଅଞ୍ଚଳର ପରିବାର ବର୍ଗଙ୍କ ଉଜୁଡ଼ି ଯାଇଥିବା ବୃକ୍ଷରାଜିର ଭରଣା ପାଇଁ ଫଳଧାରୀ ତଥା ଅଣ ଫଳଧାରୀ ବୃକ୍ଷର ଚାରା ଓ ମଞ୍ଜି ଯୋଗାଇଦିଆଯିବା ଉଚିତ ।ପ୍ରଭାବିତ ଗ୍ରାମ ମାନଙ୍କରେ ଗୋଷ୍ଠୀଗତ ବୃକ୍ଷରୋପଣ ଅଭିଯାନର ଅଯୁମାରମ୍ଭ ହେବା ଉଚିତ ।

୨୭- ଶେଷ କଥା ହେଲେବି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଜନ ସାଧାରଣ ବିକାଶ୍ ବା ଶିଳ୍ପ ସଂସ୍ଥା ସ୍ଥାପନ ବିରୋଧୀ ନୁହନ୍ତି ।ଯଦି ସେମାନଙ୍କ ଯଥାର୍ଥ ଦାବୀର ପରିପୂରଣ କରାଯିବ ତେବେ ସେମାନେ ଗାଁ ଛାଡ଼ିବେ ଓ ପ୍ରକଳ୍ପ କର୍ତୃପକ୍ଷଙ୍କୁ ନିର୍ମାଣ କାର୍ଯ୍ୟଧାରା ପାଇଁ ଅନୁମତି ଦେବେ ।

ପରିଶେଷରେ ବିଶେଷଜ୍ଞଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରଶଂଶା କରିଥିଲେ।ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣବିବରଣୀରେ ଅନୁମୋଦନ ହୋଇଥିବା ଉପରୋକ୍ତ ଦାବୀ ଗୁଡ଼ିକର ବାସ୍ତବିକ କାର୍ଯ୍ୟାନ୍ୱୟନ  କରିବା ଦିଗରେ ବିଶେଷ ଯତ୍ନବାନ ହେବା ପାଇଁ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କପରାମର୍ଶ ଦେଇଥିଲେ ।

ପ୍ରକଳ୍ପରପ୍ରତିକୂଳାତ୍ମକ ଦିଗ ଗୁଡ଼ିକର ସମାଧାନ ନିମନ୍ତେ,ବିସ୍ଥାପିତ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କ ପସନ୍ଦ ଅନୁଯାୟୀ ଉପଯୁକ୍ତ କଲୋନୀ ତଥା ସ୍ଥାନକୁ ସ୍ଥାନାନ୍ତରଣ ଓ ଥଇଥାନ,ଦକ୍ଷତା ନିର୍ମାଣ,ବୃତ୍ତିଗତ ପ୍ରଶିକ୍ଷଣ,ପ୍ରକଳ୍ପ ତଥା ସହାୟକ ସଂସ୍ଥା ମାନଙ୍କରେ ଉପାର୍ଜନ ନିମନ୍ତେ ବିସ୍ଥାପିତ ତଥା ପ୍ରଭାବିତ ପରିବାରର ସଦସ୍ୟଙ୍କ ନିୟୋଜନ ,ସଂସ୍ଥା ବା ସୋସାଇଟି ଗଠନ ଦ୍ୱାରା ଯୁବ ବର୍ଗଙ୍କ ମଧ୍ୟରେ ଉପାର୍ଜନ କ୍ଷମତାର ବୃଦ୍ଧି ଏବଂ ମହିଳା ମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆ ରେ ବଜାର ସଂଯୋଗୀକରଣ ଉପଲବ୍ଧ କରାଯିବା ସଙ୍ଗେସଙ୍ଗେ ପରିବେଶର ସ୍ୱତନ୍ତ୍ର ଯତ୍ନ ନେବା ଓ ଗୋଷ୍ଠୀ ସ୍ତରରେ ସ୍ୱାସ୍ଥ୍ୟ ଓ ପୁଷ୍ଟି ସାଧନ ତଥା ବୃକ୍ଷ ରୋପଣ ପାଇଁ ସଚେତନତା କାର୍ଯ୍ୟକ୍ରମମାନ ହାତକୁ ନେଇ ଅତିକ୍ରମ କରାଯାଇ ପାରିବ ।

ନୂତନ ଆଇନ ଅନୁସାରେ ଜମି ଅଧିଗ୍ରହଣରେ ସ୍ୱଚ୍ଛତା ଏବଂ ନ୍ୟାୟସଙ୍ଗତ କ୍ଷତିପୂରଣ  ଅଧିକାର ପୁର୍ନବାସ ଏବଂ ଥଇଥାନ ଆଇନ, ୨୦୧୩ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବାପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥାଶୀଘ୍ର  ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଗଲା।ଏହି ପ୍ରକଳ୍ପ ଦ୍ୱାରା ହେଉଥିବା କ୍ଷୟକ୍ଷତି ଅପେକ୍ଷା ଅଞ୍ଚଳ ର ଉନ୍ନତିରେ ଅଧିକ ସହାୟକ ହେବ ବୋଲିବିଶେଷଜ୍ଞଦଳ ହୃଦବୋଧ କଲେ।

ଅଧ୍ୟକ୍ଷ,
ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ,
ଝାରସୁଗୁଡ଼ା